# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**12th October - 2024**

**News Editor : *Tapan Kumar Maharana***

******************************

## ମୁଖ୍ୟ ସମ୍ବାଦ

- ଜଗଜ୍ଜନନୀ ମା' ଦୁର୍ଗାଙ୍କର ନବମୀ ଏବଂ ଦଶମୀପୂଜା ଭକ୍ତି ଓ ଶ୍ରଦ୍ଧାର ସହ ଚାଲିଛି

– ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନେ ରାଜରାଜେଶ୍ୱର ବେଶରେ ଦର୍ଶନ ଦେବେ

- ବିଶ୍ୱରେ ଭାରତର ପ୍ରତିଷ୍ଠା କ୍ରମଶଃ ବୃଦ୍ଧି ପାଉଛି; କହିଲେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସଂଘଚାଳକ ମୋହନ ଭାଗବତ

- 'ସୂଚିତ ବିକଳ୍ପ ଓ ଉନ୍ନତ ଫଳାଫଳ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଗଣ୍ଠିବାତ ଦିବସ

ଏବଂ

- ଆଗାମୀ ଦୁଇ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରୁ ପ୍ରତ୍ୟାବର୍ତ୍ତନ ସମ୍ଭାବନା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ

## ନବମୀ ପୂଜା

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଆଗମନରେ ପୁରପଲ୍ଲୀ ଉତ୍ସବ ମୁଖରିତ। ଦୁର୍ଗତୀନାଶିନୀଙ୍କ ଆବାହନରେ ରାଜ୍ୟର ବିଭିନ୍ନ ପୂଜାମଣ୍ଡପରେ ଚାଲିଛି ନବମୀ ପୂଜା। ଘଣ୍ଟଘଣ୍ଟା ଓ ଶଙ୍ଖ ଧ୍ୱନିରେ ପୂଜା ମଣ୍ଡପଗୁଡ଼ିକ ପ୍ରକମ୍ପିତ ହେଉଛି। ବିଭିନ୍ନ ଶକ୍ତିପୀଠଗୁଡ଼ିକରେ ଦଶମୀ ପୂଜା ରୀତିନୀତି ଅନୁସାରେ କରାଯାଇଛି।

ଭୁବନେଶ୍ୱରରେ ଶାରଦୀୟ ଦୁର୍ଗା ପୂଜା ୧୮୭ଟି ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛି। ବରମୁଣ୍ଡା, ନୟାପଲ୍ଲୀ, ରସୁଲଗଡ଼, ବମିଖାଲ, ସହିଦନଗର, ଝାରପଡ଼ା, ବଡ଼ଗଡ଼ ପରି ପୂଜାମଣ୍ଡପରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଚଳିତ ବର୍ଷ ରାଜଧାନୀର ୧୨ଟି ସ୍ଥାନରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଆମ ଭୁବନେଶ୍ୱର ସମ୍ବାଦଦାତାଙ୍କର ଏକ ରିପୋର୍ଟ...

# - V/O -

ଐତିହାସିକ ସହର କଟକରେ ଶାରଦୀୟ ଦୁର୍ଗାପୂଜାକୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଉଥିବାର ଦୃଷ୍ଟାନ୍ତ ରହିଛି। ସହରର ବିଭିନ୍ନ ସ୍ଥାନରେ ସୁଉଚ୍ଚ ତୋରଣ ସାଙ୍ଗକୁ ମଣ୍ଡପର ସାଜସଜ୍ଜା ଓ ମନ୍ତ୍ରଧ୍ୱନିରେ ପରିବେଶ ଭକ୍ତିମୟ ହୋଇଉଠିଛି।

ନୟାଗଡ଼ ଜିଲ୍ଲାର ୯୫ଟି ସ୍ଥାନରେ ମା’ଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଉଛନ୍ତି । ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ନୟାଗଡ଼ର ଦକ୍ଷିଣକାଳୀ, ଖଣ୍ଡପଡ଼ାର ଉମାଦେବୀ, ବାହାଡ଼ାଶୁଣି, ବନଦୁର୍ଗା, ବାଉରୀ, ଭାପୁରର ନାରାୟଣୀ ଏବଂ ରଣପୁରର ମଣିନାଗ, ଖିଲାମୁଣ୍ଡା ଆଦି ମନ୍ଦିରରେ ବିଜୟାଦଶମୀ ଅବସରରେ ସ୍ୱତନ୍ତ୍ର ନୀତିକାନ୍ତି ଚାଲିଛି ।

କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ମା’ ଦୁର୍ଗାଙ୍କ ପୂଜା ବେଶ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି । ଉଭୟ ବଙ୍ଗୀୟ ଏବଂ ଉତ୍କଳୀୟ ମତେ ମା’ଙ୍କ ମହାନବମୀ ଓ ବିଜୟାଦଶମୀ ପୂଜା କରାଯାଉଛି । ପୂଜାମଣ୍ଡପଗୁଡ଼ିକରେ ଚଣ୍ଡୀପାଠ, ହୋମଯଜ୍ଞ, ପରିବେଶକୁ ଭକ୍ତିମୟ କରିଛି । କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ସ୍ୱତନ୍ତ୍ର ଦେବନୀତି ଅନୁଷ୍ଠିତ ହୋଇଛି ।

ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ଘଣ୍ଟାପଡ଼ାରେ ପ୍ରସିଦ୍ଧ ସମଲେଶ୍ୱରୀ ଯାତ୍ରାରେ ଦେବୀଙ୍କ ଖଣ୍ଡାଧୁଆ ପର୍ବ ପରେ ମା’ଙ୍କ ସମଲେଶ୍ୱରୀ ଯାତ୍ରା ଆରମ୍ଭ ହୋଇଛି । ଦେବୀଙ୍କ ବରୁଆ, ଛତ୍ର, ଖଣ୍ଡା, ଢୋଲ ଓ ନିଶାଣ ବାଦ୍ୟରେ ବିଭିନ୍ନ ଅଞ୍ଚଳ ପରିକ୍ରମା କରାଯାଇଥିଲା ।

***Puri***

## ବିଜୟାଦଶମୀ ପର୍ବ

ପୁରୀ ଶ୍ରୀମନ୍ଦିରରେ ଦଶହରା ବା ବିଜୟାଦଶମୀ ପର୍ବ ଆସନ୍ତାକାଲି ଅନୁଷ୍ଠିତ ହେବ । ଏହି ଅବସରରେ ଶ୍ରୀଜୀଉମାନଙ୍କୁ ସୁନାବେଶ ବା ରାଜରାଜେଶ୍ୱର ବେଶରେ ସୁସଜ୍ଜିତ କରାଯିବ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ

ଅବକାଶ ନୀତି ପରେ ଚନ୍ଦନଲାଗି ଓ ନୂଆଲୁଗା ଲାଗି କରାଯିବା ପରେ ଶ୍ରୀଜୀଉଙ୍କୁ ସୁନାବେଶ କରାଯିବ। ଏହି ଅବସରରେ ଶ୍ରୀମନ୍ଦିରରେ ମଧ୍ୟ ଆୟୁଧ ପୂଜାନୀତି ସମ୍ପନ୍ନ କରାଯିବ। ସକାଳ ଧୂପ ସରିବା ପରେ ଆୟୁଧଗୁଡ଼ିକୁ ମହାସ୍ନାନ ପୂର୍ବକ ବରୁଣ ପୂଜା କରାଯିବା ପରେ ମେକାପ ସେବକ ତିନୋଟି ରୁପାଥାଳିରେ ଆୟୁଧଗୁଡ଼ିକ ରଖି ତଲୁଚ୍ଛ ଓ ପ୍ରଧାନୀ ସେବାୟତଙ୍କ ସହ ତିନିଥର ବଡ଼ଦେଉଳକୁ ପରିକ୍ରମା କରିବା ପରେ ପୁଷ୍ପାଳକ ସେବକ ବଳଭଦ୍ରଙ୍କ ବାଡ଼ରେ ହଳମୂଷଳ, ଶୁଭଦ୍ରାଙ୍କ ବାଡ଼ରେ ସୁବର୍ଣ୍ଣତଡ଼ପି ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଶଙ୍ଖଚକ୍ର ଆୟୁଧ ଲାଗି କରିବେ। ଶ୍ରୀଜୀଉଙ୍କର ଏହି ଅନନ୍ୟ ଓ ଦୁର୍ଲଭ ବେଶକୁ ଦେଖିବା ପାଇଁ ପୁରୀରେ ପ୍ରବଳ ଭକ୍ତଙ୍କ ସମାଗମ ହେବ।

***CTC***

## ମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକ ସହରର ବିଭିନ୍ନ ପୂଜାମଣ୍ଡପ ବୁଲିଛନ୍ତି। ଏଥିସହ ଜଗଜ୍ଜନନୀ ମା' ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରି ରାଜ୍ୟବାସୀଙ୍କର କଲ୍ୟାଣ ପାଇଁ ଆଶୀର୍ବାଦ କାମନା କରିଛନ୍ତି। କଟକ ସହରକୁ ଆଗାମୀ ଦିନରେ ସ୍ମାର୍ଟ ସିଟିରେ ପରିଣତ କରିବା ପାଇଁ ସରକାର ସଚେତନ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

***Desk/Boudh***

## ଆର୍‌ଏସ୍‌ଏସ୍- ପ୍ରତିଷ୍ଠା ଦିବସ

ବିଶ୍ୱରେ ଭାରତର ପ୍ରତିଷ୍ଠା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି ଏବଂ ଦେଶ ବିକଶ ପଥରେ ଆଗଉଛି ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର

ସରସଂଘଚାଳକ ମୋହନ ଭାଗବତ କହିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠା ଦିବସ ମହାରାଷ୍ଟ୍ର ନାଗପୁରସ୍ଥିତ ସଂଗଠନ ମୁଖ୍ୟ କାର୍ଯ୍ୟାଳୟଠାରେ ଆଜି ପାଳନ ଅବସରରେ ସ୍ୱୟଂସେବକମାନଙ୍କୁ ସମ୍ବୋଧନ କରି ଶ୍ରୀ ଭାଗବତ କହିଛନ୍ତି। ୧୯୨୫ ମସିହା ବିଜୟାଦଶମୀ ତିଥିରେ ରାଷ୍ଟ୍ର ନିର୍ମାଣ ଓ ଜନସେବାର ଲକ୍ଷ୍ୟ ନେଇ ରାଷ୍ଟ୍ରୀୟ ସ୍ୱୟଂସେବକ ପ୍ରତିଷ୍ଠା ହୋଇଥିଲା। ଡକ୍ଟର କେଶବ ବଳିରାମ ହେଡଗେୱାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଏହି ରାଷ୍ଟ୍ରୀୟ ସମାଜସେବୀ ସଂଗଠନର ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ରାଷ୍ଟ୍ରୀୟ ପରେଡ୍ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟରେ ଥିବା ସ୍ୱୟଂସେବକ ସଂଘ ବିଭିନ୍ନ ଶାଖା ପକ୍ଷରୁ ଆଜି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସମାଜ ଏବଂ ଦେଶଭକ୍ତି ମାଧ୍ୟମରେ ଦେଶର ଅଖଣ୍ଡତା ପାଇଁ ସ୍ୱୟଂସେବକ ମାନଙ୍କର ଅବଦାନ ଅତୁଳନୀୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ କହିଛନ୍ତି।

ବୌଦ୍ଧ ଜିଲ୍ଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠା ଦିବସରେ ଏକ ପଥ ସଂଚାଳନ ସହର ପରିକ୍ରମା କରିଥିଲା। ମା’ ଦୁର୍ଗା ଓ ଭାରତମାତାଙ୍କୁ ପୂଜାର୍ଚ୍ଚନା ସହ ଅସ୍ତ୍ରପୂଜନ କରାଯାଇଥିଲା। ଜିଲ୍ଲା ସଂଘଚାଳକ ସୂର୍ଯ୍ୟକାନ୍ତ ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଇନ୍ଦୁଭୂଷଣ ମହାକୁଡ଼ ଯୋଗଦେଇ ଦେଶରକ୍ଷା ପାଇଁ ଶକ୍ତି

ସଞ୍ଚୟ କରି ରାଷ୍ଟ୍ରଗଠନ ଦିଗରେ ସମର୍ପିତ ହେବା ପାଇଁ ପ୍ରେରଣା ଦେଇଥିଲେ ।

*Desk*

## ଭସାଣ ଟ୍ରାଫିକ କଟକଣା

କଟକ ସହରରେ ଆସନ୍ତା ୧୪ ତାରିଖରେ ମା' ଦୁର୍ଗାଙ୍କ ଭସାଣ ଉତ୍ସବ ଅନୁଷ୍ଠିତ ହେବ । ଭସାଣ ସମୟରେ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ କମିଶନରେଟ୍ ଟ୍ରାଫିକ ପୁଲିସ ପକ୍ଷରୁ କଟକଣା ଜାରି କରାଯାଇଛି । ସକାଳ ୮ଟାରୁ ତା' ପରଦିନ ପ୍ରତିମାଗୁଡ଼ିକ ବିସର୍ଜନ ଶେଷ ହେବା ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ । ମୁଖ୍ୟ ଛକଗୁଡ଼ିକରେ ଟ୍ରାଫିକ ନିୟମ ଅନୁଯାୟୀ ଶୋଭାଯାତ୍ରା ପାଇଁ ଅନୁମତି ଦିଆଯାଇଛି ବୋଲି ଟ୍ରାଫିକ ଏସ୍‌ପି ସୁଶାନ୍ତ କୁମାର ସିଂ କହିଛନ୍ତି ।

*Sambalpur*

## ବେଟି ବଚାଓ ବେଟି ପଢ଼ାଓ ଅଭିଯାନ

ଦୁର୍ଗାପୂଜାର ନବରାତ୍ର ଅବସରରେ ସମ୍ବଲପୁରରେ 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନ ଆରମ୍ଭ ହୋଇଛି । ଶିଶୁ କନ୍ୟାମାନଙ୍କର ସର୍ବାଙ୍ଗୀନ ଉନ୍ନତି ଓ କଲ୍ୟାଣ ନିମନ୍ତେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ସଦର ହସ୍‌ପିଟାଲରେ ଆଜି ଜନ୍ମ ଗ୍ରହଣ କରିଥିବା ଶିଶୁ କନ୍ୟାମାନଙ୍କର ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

*Desk*

# ବିଶ୍ୱ ଗଣ୍ଠିବାତ ଦିବସ

ଗଣ୍ଠିବାତ ରୋଗ ସମ୍ବନ୍ଧରେ ଲୋକମାନଙ୍କ ଭିତରେ ସଚେତନ ସୃଷ୍ଟି କରିବା ପାଇଁ ଆଜି ବିଶ୍ୱ ଗଣ୍ଠିବାତ ଦିବସ ପାଳନ କରାଯାଉଛି। 'ସୂଚିତ ବିକଳ୍ପ ଓ ଉନ୍ନତ ଫଳାଫଳ' ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି। ୧୯୯୬ ମସିହାରେ ପ୍ରଥମଥର ପାଇଁ ବିଶ୍ୱ ଗଣ୍ଠିବାତ ଦିବସ ପାଳନ କରାଯାଇଥିଲା। ଆଣ୍ଠୁଗଣ୍ଠିବାତ ବା ଆର୍ଥ୍ରାରାଇଟସ୍ ସମସ୍ୟା ବର୍ତ୍ତମାନ ପିଢ଼ିର ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟାଭାବେ ଦେଖାଦେଇଛି। ଆର୍ଥ୍ରାରାଇଟ୍ସ ରୋଗଠୁ ଦୂରେଇ ରହିବା ଓ ଏହା ସହ ମୁକାବିଲା କରିବା ପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ଦୈନିକ ବ୍ୟାୟମ କରିବା ସହ ଶାରୀରିକ ପରିଶ୍ରମ କଲେ ଆର୍ଥ୍ରରାଇଟସ ରୋଗରୁ ଉପଶମ ମିଳିଥାଏ।

*Desk*

# ତମାଖୁ ମୁକ୍ତ ଅଭିଯାନ

ଦେଶରେ ତମାଖୁ ମୁକ୍ତ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ନଭେମ୍ବର ମାସ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ତମାଖୁ ସେବନ ଅଧିକାଂଶ ଅଣସଂକ୍ରାମକ ରୋଗ ଓ କର୍କଟ ରୋଗର ମୁଖ୍ୟ କାରଣ ହୋଇଥିବାରୁ ତମାଖୁ ବର୍ଜନ ଆଜିର ଯୁବପିଢ଼ି ପାଇଁ ଆହ୍ୱାନ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ତମାଖୁ ଧୂଆଁରେ ୭ ହଜାରରୁ ଅଧିକ ମାରାତ୍ମକ ରାସାୟନିକ ପଦାର୍ଥ ମଧ୍ୟରୁ ଅଣସ୍ତରୀଟି କର୍କଟ ରୋଗର

କାରଣ ହୋଇଥାଏ। ସେହିଭଳି ଧୂମହୀନ ତମାଖୁରେ ୩ ହଜାରରୁ ଅଧିକ ରାସାୟନିକ ପଦାର୍ଥ ମଧ୍ୟରୁ ୨୮ଟି କର୍କଟ ରୋଗ କାରଣ ହୋଇଥାଏ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

*Desk*

## ମୁଖ୍ୟମନ୍ତ୍ରୀ- ଅଭିଯୋଗ ଶୁଣାଣି

ଆସନ୍ତା ସୋମବାର ଦିନ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି। ଦୁର୍ଗାପୂଜା ଭସାଣୀ ଓ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ଥିବାରୁ ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ବନ୍ଦ ରହିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

*Desk*

# ପାଣିପାଗ

ରାଜ୍ୟରେ ଆଗାମୀ ଦୁଇ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଗତ କିଛିଦିନ ଧରି ରାଜ୍ୟରେ ମୌସୁମୀର ସ୍ଥିତି ଦୁର୍ବଳ ରହିବା ସହିତ ବର୍ଷାର ପରିମାଣ କମିଛି। ଅନ୍ୟପକ୍ଷରେ ଗତ ତିନିଦିନ ଧରି ତାପମାତ୍ରା ୨ରୁ ୩ ଡିଗ୍ରୀ ସେଣ୍ଟିଗ୍ରେଡ୍ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ବଙ୍ଗୋପସାଗରରେ ଏକ ସକ୍ରିୟ ଗୁରୁଚାପ ପ୍ରଭାବରେ ଓଡ଼ିଶାକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଛି। ପାଣିପାଗ ବିଭାଗର

ସୂଚନା ଅନୁସାରେ, ଗତକାଲି ୧୬ଟି ସହରର ତାପମାତ୍ରା ୩୪ ଡିଗ୍ରୀରୁ ଅଧିକ ଥିଲା ।

*****